Food and Agriculture Organization of the United Nations

Ministry of Agriculture & Farmers' Welfare
Ministry of Environment, Forest and Climate Change

Govt. Of Odisha

GLOBAL ENVIRONMENT FACILITY
INVESTING IN OUR PLANET

# "Transforming Indian Agriculture for Global Environmental Benefits and the Conservation of Critical Biodiversity and Forest Landscapes"

## Green-Ag Project FAQ

**1) What is the objective of the Green-Ag project?**

A. The project aims to catalyse a transformative change in India's agricultural sector to support the achievement of national and global environmental benefits and the conservation of critical biodiversity and forest landscapes.

Hence, the project aims to promote sustainable agricultural practices and livelihoods while protecting the environment.

**2) In how many states the project is being implemented?**

A. The project is being implemented in five states namely Madhya Pradesh, Mizoram, Odisha, Rajasthan and Uttarakhand.

**3) In which District of Odisha is the project being implemented?**

A. The project is being implemented in Similipal Landscape of Mayurbhanj district in Odisha.

**4) Which organization is the owner of this project?**

A. The project belongs to the Ministry of Agriculture & Farmers Welfare, Government of India (GoI).

**5) What is FAO's role in this project?**

A. FAO or the Food and Agriculture Organization is one of the specialized agencies of the United Nations. FAO is overseeing the implementation of this project in the five landscapes on behalf of the Ministry of Agriculture & Farmers Welfare, GoI.

**6) What is the funding source of the project?**

A. Green-Ag project is being funded by the Global Environment Facility or GEF which is a gap funding. The main source of funds is the ongoing government programmes and schemes.

**7) What is the duration of the project?**


A. The project started in the year 2019 and will be implemented till 2026.

**8) Why the Green-Ag project in the Similipal landscape in Odisha?**

A. Project landscape falls within the Mayurbhanj district and it includes the Similipal Biosphere Reserve which includes the Similipal Tiger Reserve, Similpal Wildlife Sanctuary and Satkosia Reserve Forests.

The landscape is very rich in biodiversity and is home to the Royal Bengal Tiger, the Asian Elephant, Gaur Chousingha and Mugger crocodile. Similipal is the only home of the unique melanistic tiger or the "black tiger".

It is home to around 1286 flowering species including two orchid species that are endemic to Similipal.



This region also has notable diversity of indigenous rice varieties- Rupapatia, Kantakarpura, Kalamkati, Janjalijata, Sarubhojana. The region is also rich in a variety of millets, such as finger millet (ragi), Kodo millet (kodua), barnyard millet, spiked millet (bajra) etc. Additionally, legumes, oilseeds, horticultural crops, vegetables, spices and condiments are grown in the landscape.

The region is rich in wildlife, plants and crops as well, but the landscape is witnessing various threats such as follows:

- Loss of agro biodiversity - high-yielding species replacing traditional varieties
- Conversion of forest land to other land uses such as agriculture, mining etc.
- Unsustainable use of natural resources
- Human-wildlife conflict

Thus, the project is being implemented in the landscape to provide support to the agriculture sector and help protect the environment as well.

**9) What are the main components/focus area of the project?**

A. 1) Conservation of local biodiversity (BD) 2) Preventing Land Degradation (LD) 3) Climate Change Mitigation (CCM) and 4) Sustainable Forest Management (SFM).

**10) What are the arrangements for the implementation of this project in Odisha?**

A. An Operational Partner (OP) Agreement is signed between the Institute on Management of Agricultural Extension (IMAGE) and FAO and thus IMAGE is the Operational Partner. The project is being implemented by the Directorate of Soil Conservation and Watershed Development (DSC&WD), Bhubaneswar. At the district level, the project is being executed by the Dy. Director (Soil Conservation), Mayurbhanj as the District Project Nodal Officer.

The project management units are as follows.

National Project Management Unit (NPMU) - at the national level in FAO

State Project Management Unit (SPMU) - at the State level

Green Landscape Implementation Unit (GLIU) - at the District level

Community Resource Persons (CRPs) - at the village level

**11) What is the role of Community Resource Persons (CRPs) in the project?**

A. The CRPs have a very crucial role in the project implementation as they have to coordinate all the project activities at the village level which includes undertaking FPIC (Free Prior Informed Consent) and support in the constitution of Village Implementation Committees (VICs). They will be actively involved in the community engagement processes and implementation of on-field activities including data collection, preparation of the village-level plan, its implementation, coordination with the field-level government functionaries, monitoring progress, documenting the leanings in terms of best practices and reporting it to GLIU etc. to help improve the livelihood security of communities while protecting the environment. The CRPs are instrumental to the project as they will serve as a link between the communities and the project i.e. they will be the eyes and ears of the project.



Food and Agriculture Organization of the United Nations | Ministry of Agriculture & Farmers' Welfare, Ministry of Environment, Forest and Climate Change | Govt. Of Odisha | GLOBAL ENVIRONMENT FACILITY INVESTING IN OUR PLANET

# ''ବିଶ୍ୱ ପର୍ଯ୍ୟାବରଣ ହିତସାଧନ, ମହତ୍ତ୍ୱପୂର୍ଣ୍ଣ ଜୈବ ବିବିଧତା ଓ ବନ ସଂରକ୍ଷଣ ନିମନ୍ତେ କୃଷି ପଦ୍ଧତିରେ ପରିବର୍ତ୍ତନ''

## ଗ୍ରୀନ-ଏଜି ପ୍ରକଳ୍ପ ସମ୍ପର୍କିତ ପ୍ରଶ୍ନାବଳୀ

**୧) ଗ୍ରୀନ-ଏଜି ପ୍ରକଳ୍ପର ଉଦ୍ଦେଶ୍ୟ ?**

ଉ) ଗ୍ରୀନ-ଏଜି ପ୍ରକଳ୍ପ ମାଧ୍ୟମରେ ଜାତୀୟ ତଥା ବିଶ୍ୱ ପରିବେଶର ଲାଭ ସହିତ ଗୁରୁତ୍ୱପୂର୍ଣ୍ଣ ଜୈବ ବିବିଧତା ଏବଂ ବନ୍ୟ ସମ୍ପଦକୁ ସଂରକ୍ଷଣ କରିବା ପାଇଁ ଭାରତୀୟ କୃଷି କ୍ଷେତ୍ରରେ ପରିବର୍ତ୍ତନକୁ ଅନୁକରଣ କରିବାକୁ ଲକ୍ଷ୍ୟ ରଖାଯାଇଅଛି ।

ତେଣୁ, ଏହି ପ୍ରକଳ୍ପ ମାଧ୍ୟମରେ ପରିବେଶର ହିତସାଧନ ସହିତ ନିରନ୍ତର କୃଷି ପଦ୍ଧତି ଏବଂ ଜୀବିକାରେ ଉନ୍ନତି ଆଣିବା ପାଇଁ ଲକ୍ଷ୍ୟ ରଖାଯାଇଅଛି ।

**୨) ଗ୍ରୀନ-ଏଜି ପ୍ରକଳ୍ପ କେତୋଟି ରାଜ୍ୟରେ କାର୍ଯ୍ୟକାରୀ ହେଉଛି ?**

ଉ) ଏହି ପ୍ରକଳ୍ପ ପାଞ୍ଚଟି ରାଜ୍ୟରେ କାର୍ଯ୍ୟକାରୀ ହେଉଅଛି ଯଥା - ମଧ୍ୟପ୍ରଦେଶ, ମିଜୋରାମ, ଓଡ଼ିଶା, ରାଜସ୍ଥାନ ଏବଂ ଉତ୍ତରାଖଣ୍ଡ ।

**୩) ଓଡ଼ିଶାର କେଉଁ ଜିଲ୍ଲାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି ?**

ଉ) ଓଡ଼ିଶାର ମୟୁରଭଞ୍ଜ ଜିଲ୍ଲାର ଶିମିଳିପାଳ ଅଞ୍ଚଳରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି ।

**୪) କେଉଁ ବିଭାଗ ଅଧିନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି ?**

ଉ) କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର (GoI) ଙ୍କ ଅଧିନରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଅଛି ।

**୫) ଏହି ପ୍ରକଳ୍ପରେ ଖାଦ୍ୟ ଓ କୃଷି ସଂଗଠନ (FAO) ର ଭୂମିକା କ'ଣ ?**

ଉ) ଖାଦ୍ୟ ଏବଂ କୃଷି ସଂଗଠନ (FAO) ମିଳିତ ଜାତିସଂଘର ଏକ ବିଶେଷ ସଂଗଠନ ଅଟେ । କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାର (GoI) ତରଫରୁ ପାଞ୍ଚଟି ରାଜ୍ୟର ପାଞ୍ଚଟି ଲ୍ୟାଣ୍ଡସ୍କେପ୍‌ରେ ପ୍ରକଳ୍ପର କାର୍ଯ୍ୟକାରିତାକୁ FAO ତଦାରଖ କରୁଅଛି ।

**୬) ଏହି ପ୍ରକଳ୍ପର ପ୍ରମୁଖ ଆର୍ଥିକ ଉତ୍ସ କଣ ?**

ଉ) ଗ୍ରୀନ-ଏଜି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନିମନ୍ତେ ଗ୍ଲୋବାଲ ଏନଭାୟାରମେଣ୍ଟ ଫାଶିଲିଟି (GEF) ଦ୍ୱାରା ଆର୍ଥିକ ଅନୁଦାନ ପ୍ରାପ୍ତ ହୋଇଅଛି ଯାହାକି ସହାୟକ ପାଣ୍ଠି ଅଟେ । ସରକାରୀ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଯୋଜନା ନିମନ୍ତେ ରହିଥିବା ଆର୍ଥିକ ବ୍ୟବସ୍ଥା ଏହି ପ୍ରକଳ୍ପର ପ୍ରମୁଖ ଆର୍ଥିକ ଉତ୍ସ ଅଟେ ।

**୭) ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବାର ଅବଧି/ସମୟ ସୀମା କେତେ ?**

ଉ) ଏହି ପ୍ରକଳ୍ପର କାର୍ଯ୍ୟକାରୀ ହେବାର ଅବଧି ୨୦୧୯-୨୦୨୬ ଅଟେ ।

**୮) ଓଡ଼ିଶାର ଶିମିଳିପାଳ ଲ୍ୟାଣ୍ଡସ୍କେପ୍ ରେ ଗ୍ରୀନ-ଏଜି ପ୍ରକଳ୍ପ କାର୍ଯ୍ୟକାରୀ ହେବାର କାରଣ ?**

ଉ) ଏହି ପ୍ରକଳ୍ପ ଲ୍ୟାଣ୍ଡସ୍କେପ୍ ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଏବଂ ଏହା ଶିମିଳିପାଳ ବାୟୋସ୍ଫିୟର ରିଜର୍ଭ ସହିତ ସଂଯୁକ୍ତ ଯେଉଁଥିରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ (ଟାଇଗର ରିଜର୍ଭ), ଶିମିଳିପାଳ ବନ୍ୟ ଜୀବଜନ୍ତୁ (ୱାଇଲ୍ଡ ଲାଇଫ) ଅଭୟାରଣ୍ୟ ଏବଂ ସାତକୋସିଆ ରିଜର୍ଭ ଜଙ୍ଗଲ ଅନ୍ତର୍ଭୁକ୍ତ ।

ଏହି ଲ୍ୟାଣ୍ଡସ୍କେପ୍ ବିଭିନ୍ନ ଜୈବ ବିବିଧତାରେ ଭରପୂର ଏବଂ ଏଥିରେ ରୟାଲ ବେଙ୍ଗଲ ଟାଇଗର, ଏସୀୟ ହାତୀ, ଗୌର ଚୌସିଙ୍ଗା ଏବଂ ମଗର କୁମ୍ଭୀର ଅନ୍ତର୍ଭୁକ୍ତ । ଶିମିଳିପାଳ ହେଉଛି ଅନନ୍ୟ ମେଲାନିଷ୍ଟିକ୍ ବ୍ୟାଘ୍ର ବା 'କଳା ବାଘ' ର ଏକମାତ୍ର ବାସସ୍ଥାନ ।



ଏଠାରେ ପ୍ରାୟ ୧୨୮୬ ପ୍ରଜାତିର ଫୁଲ ଗଛ ଦେଖାଯାଏ ଯେଉଁଥିରେ ଦୁଇଟି ଅର୍କିଡ୍ ପ୍ରଜାତି ଅଛି ଯାହା ଶିମିଳିପାଳର ସ୍ଥାନୀୟ ପ୍ରଜାତି (ଏଣ୍ଡେମିକ୍) ଅଟେ ।

ଏହି ଅଞ୍ଚଳରେ ବିଭିନ୍ନ ସ୍ୱଦେଶୀ କିସମର ଧାନ ମଧ୍ୟ ରହିଅଛି ଯଥା ରୂପାପଟିଆ, କଣ୍ଟାକର୍ପୂର, କଳମକାଟି, ଜଙ୍ଗଲିଜଟା ଓ ସୁନ୍ଦରଭୋଜନା । ଏହି ଅଞ୍ଚଳ ବିଭିନ୍ନ ପ୍ରକାରର ମାଣ୍ଡିଆ ଜାତୀୟ ଶସ୍ୟ (ମିଲେଟ୍ସ) ଗୁଡ଼ିକରେ ମଧ୍ୟ ସମୃଦ୍ଧ, ଯେପରିକି ଫିଙ୍ଗର ମିଲେଟ (ମାଣ୍ଡିଆ), କୋଡୋ ମିଲେଟ (କୋଦୁଆ), ବାର୍ନାର୍ଡ ମିଲେଟ, ସ୍ପାଇକ୍ସ ମିଲେଟ (ବାଜରା) ଇତ୍ୟାଦି । ଏଥିସହିତ ଲେମ୍ବୁ, ତୈଳବୀଜ, ଉଦ୍ୟାନକୃଷି, ପନିପରିବା ଏବଂ ମସଲା ଏହି ଅଞ୍ଚଳରେ ଚାଷ କରାଯାଏ । ଏହି ଅଞ୍ଚଳ ବିଭିନ୍ନ ପ୍ରକାର ଜୀବଜନ୍ତୁ, ଉଦ୍ଭିଦ ଏବଂ ଫସଲରେ ମଧ୍ୟ ଭରପୁର । ଏହି ଶିମିଳିପାଳ ଲ୍ୟାଣ୍ଡସ୍କେପ୍ ବିଭିନ୍ନ ସମସ୍ୟାରେ ମଧ୍ୟ ସମ୍ମୁଖୀନ ହେଉଅଛି ଯେପରି :

- କୃଷି ଜୈବ ବିବିଧତା ହରାଇବା – ସ୍ଥାନୀୟ ସ୍ୱଦେଶୀ କିସମ ଶସ୍ୟ ବଦଳରେ ଅତିମାତ୍ରାରେ ଉଚ୍ଚ ଅମଳକ୍ଷମ (ହାଇବ୍ରିଡ) କିସମର ଶସ୍ୟ ବ୍ୟବହାର କରିବା ।
- କୃଷି ଓ ଖଣି କାର୍ଯ୍ୟ ନିମନ୍ତେ ଜଙ୍ଗଲ ଜମିକୁ ରୂପାନ୍ତରଣ କରିବା ।
- ଅତିମାତ୍ରାରେ ପ୍ରାକୃତିକ ସମ୍ପଦର ବ୍ୟବହାର କରିବା ।
- ମାନବ-ବନ୍ୟଜନ୍ତୁ ମଧ୍ୟରେ ବିବାଦ ଦେଖାଯିବା ।

ତେଣୁ, କୃଷି କ୍ଷେତ୍ରକୁ ସହାୟତା ଯୋଗାଇବା ଏବଂ ପରିବେଶର ସୁରକ୍ଷା ପାଇଁ ଗ୍ରୀନ-ଏଜି ପ୍ରକଳ୍ପ ଏହି ଲ୍ୟାଣ୍ଡସ୍କେପ୍‌ରେ କାର୍ଯ୍ୟକାରୀ ହେଉଅଛି ।

### ୯) ଏହି ପ୍ରକଳ୍ପର ପ୍ରମୁଖ ଉପାଦାନ/ଫୋକସ୍ ଗୁଡ଼ିକ କ'ଣ ?

ଉ) ୧) ସ୍ଥାନୀୟ ଜୈବ ବିବିଧତାର ସୁରକ୍ଷା (BD) ୨) ଜମି ଅବକ୍ଷୟକୁ ରୋକିବା (LD) ୩) ଜଳବାୟୁ ପରିବର୍ତ୍ତନ ହ୍ରାସ (CCM) ଏବଂ ୪) ସ୍ଥାୟୀ ଜଙ୍ଗଲ ପରିଚାଳନା (SFM) ।

### ୧୦) ଓଡ଼ିଶାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନିମନ୍ତେ କି କି ବ୍ୟବସ୍ଥା କରାଯାଇଅଛି ?

ଉ) ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେବା ନିମନ୍ତେ କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (IMAGE) ଏବଂ FAO ମଧ୍ୟରେ ଏକ ମିଳିତ ଚୁକ୍ତିନାମା ସ୍ୱାକ୍ଷର ହୋଇଅଛି ଏବଂ କୃଷି ସମ୍ପ୍ରସାରଣ ପରିଚାଳନା ପ୍ରତିଷ୍ଠାନ (IMAGE) ରାଜ୍ୟ କାର୍ଯ୍ୟକାରୀ ଅନୁଷ୍ଠାନ (Operational Partner) ଭାବରେ କାର୍ଯ୍ୟକରୁଅଛି । ରାଜ୍ୟ ସ୍ତରରେ ମୃତ୍ତିକା ସଂରକ୍ଷଣ ଏବଂ ଜଳ ବିଭାଜିକା ଉନ୍ନୟନ ନିର୍ଦ୍ଦେଶାଳୟ (DSC&WD), ଭୁବନେଶ୍ୱର ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି । ନିର୍ଦ୍ଦେଶକ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ, ଓଡ଼ିଶା ପ୍ରକଳ୍ପର ରାଜ୍ୟସ୍ତରୀୟ ନୋଡାଲ ଅଧିକାରୀ ଅଟନ୍ତି । ଜିଲ୍ଲା ସ୍ତରରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ କାର୍ଯ୍ୟାଳୟ, ମୟୁରଭଞ୍ଜ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଅଛି ଏବଂ ପ୍ରକଳ୍ପ ନିର୍ଦ୍ଦେଶକ, ଜଳବିଭାଜିକା, ମୟୁରଭଞ୍ଜ ଏହି ପ୍ରକଳ୍ପର ଜିଲ୍ଲାସ୍ତରୀୟ ନୋଡାଲ ଅଧିକାରୀ ଭାବରେ କାର୍ଯ୍ୟ କରୁଛନ୍ତି ।

ପ୍ରକଳ୍ପ ପରିଚାଳନା ୟୁନିଟ୍ ନିମ୍ନମତେ କାର୍ଯ୍ୟ କରୁଅଛି

- ଜାତୀୟ ପ୍ରକଳ୍ପ ପରିଚାଳନା ୟୁନିଟ୍ (NPMU) - FAO, ଜାତୀୟ ସ୍ତରରେ
- ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ (SPMU), ରାଜ୍ୟ ସ୍ତରରେ
- ଗ୍ରୀନ ଲ୍ୟାଣ୍ଡସ୍କେପ୍ କାର୍ଯ୍ୟକାରୀ ୟୁନିଟ୍ (GLIU), ଜିଲ୍ଲା ସ୍ତରରେ
- କମ୍ୟୁନିଟି ରିସୋର୍ସ ପର୍ଶନ (CRP), ଗ୍ରାମସ୍ତରରେ

### ୧୧) କମ୍ୟୁନିଟି ରିସୋର୍ସ ପର୍ଶନ (CRP) ମାନଙ୍କର ଏହି ପ୍ରକଳ୍ପରେ ଭୂମିକା କ'ଣ ?

ଉ) ଏହି ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ କମ୍ୟୁନିଟି ରିସୋର୍ସ ପର୍ଶନ (CRP) ମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଗ୍ରାମ ସ୍ତରରେ ପ୍ରକଳ୍ପର ବିଭିନ୍ନ କାର୍ଯ୍ୟକଳାପକୁ ସେମାନେ କାର୍ଯ୍ୟକାରୀ କରିବେ ଯେପରିକି – ମୁକ୍ତ ଭାବରେ, ପୂର୍ବରୁ ଅବଗତ କରାଇ ପ୍ରକଳ୍ପ କାର୍ଯ୍ୟକାରୀ କରିବା ନିମନ୍ତେ ସମ୍ମତି ନେବା ପ୍ରକ୍ରିୟା FPIC ଏବଂ ଗ୍ରାମ କାର୍ଯ୍ୟକାରୀ କମିଟି (VICs) ଗଠନ କରିବାରେ ସହଯୋଗ କରିବେ ।

ସେମାନେ ଗୋଷ୍ଠୀ ଅଂଶଗ୍ରହଣ ପ୍ରକ୍ରିୟାରେ ମଧ୍ୟ ସକ୍ରିୟ ଅଂଶଗ୍ରହଣ କରିବେ ଏବଂ ଗୋଷ୍ଠୀ ସ୍ତରୀୟ କାର୍ଯ୍ୟକ୍ରମର ରୂପାୟନ କରିବେ ଯଥା – ତଥ୍ୟ ସଂଗ୍ରହ, ଗ୍ରାମ ସ୍ତରୀୟ ଯୋଜନା ପ୍ରସ୍ତୁତି, ଏହାର କାର୍ଯ୍ୟକାରିତା, କ୍ଷେତ୍ର ସ୍ତରୀୟ ସରକାରୀ କାର୍ଯ୍ୟକର୍ତ୍ତାଙ୍କ ସହ ସମନ୍ୱୟ, କାର୍ଯ୍ୟକ୍ରମ ତଦାରଖ, ଉତ୍ତମ ଅଭ୍ୟାସ ଗୁଡ଼ିକର ତଥ୍ୟ ଏକତ୍ରିତ କରିବା ଏବଂ ଗ୍ରୀନ ଲ୍ୟାଣ୍ଡସ୍କେପ୍ କାର୍ଯ୍ୟକାରୀ ୟୁନିଟ୍ (GLIU)ଙ୍କୁ ବିଭିନ୍ନ କାର୍ଯ୍ୟକଳାପ ସଂକ୍ରାନ୍ତିୟ ତଥ୍ୟ ପ୍ରଦାନ କରିବେ । ପରିବେଶକୁ ସୁରକ୍ଷା ଦେବା ସହିତ ଗୋଷ୍ଠୀ ସ୍ଥାୟୀ ଜୀବିକା ବିକାଶ ନିମନ୍ତେ ସହଯୋଗ କରିବେ ।

CRP ମାନଙ୍କର ଏହି ପ୍ରକଳ୍ପ ପାଇଁ ପ୍ରମୁଖ ଭୂମିକା ରହିଅଛି କାରଣ ସେମାନେ ଗୋଷ୍ଠୀ ଏବଂ ପ୍ରକଳ୍ପ ମଧ୍ୟରେ ସଂଯୋଜକ (ଲିଙ୍କ୍) ଭାବରେ କାର୍ଯ୍ୟ କରିବେ, ଯଥା, ସେମାନେ ପ୍ରକଳ୍ପର ଆଖି ଏବଂ କାନ ସଦୃଶ୍ୟ ।

